OPEN ACCESS

*Int. Jr. of Contemp. Res. in Multi.* *PEER-REVIEWED JOURNAL* *Volume 5 Issue 1 [Jan- Feb] Year 2026*

I J C R M International Journal of Contemporary Research In Multidisciplinary

*Research Article*

# କୋମଳ ମତିର କାବ୍ୟ ଗାଥା : ଡକ୍ଟର ରାମଚନ୍ଦ୍ର ନାୟକଙ୍କ ଶିଶୁ କବିତା

**ନିଶିକାନ୍ତ ବଳ**

ହରିଡ଼ାପାଳ,ଆନନ୍ଦପୁର, କେନ୍ଦୁଝର,ଭାରତ

**Corresponding Author:** *ନିଶିକାନ୍ତ ବଳ

**DOI:** https://doi.org/10.5281/zenodo.20570898

**ସାରାଂଶ**

ଶିଶୁର ଚରିତ୍ର ଗଠନ ହିଁ ଏକ ସୁସ୍ଥ ଓ ପ୍ରଗତିଶୀଳ ସମାଜର ମୂଳଦୁଆ। ଏହି ଆଦର୍ଶକୁ ପାଥେୟ କରି ୧୯୯୦ ପରବର୍ତ୍ତୀ ଓଡ଼ିଆ ଶିଶୁ ସାହିତ୍ୟ କ୍ଷେତ୍ରରେ ଡକ୍ଟର ରାମଚନ୍ଦ୍ର ନାୟକ ଜଣେ ବେଶ୍ ପରିଚିତ, ସ୍ପୃହଣୀୟ ଓ ଲବ୍ଧପ୍ରତିଷ୍ଠ ସ୍ରଷ୍ଟା।ଯାହାଙ୍କର ସରଳ ଭାଷା ଓ ଯାଦୁକାରୀ ଶବ୍ଦବିନ୍ୟାସ କୋମଳମତି ଶିଶୁଙ୍କ ମନକୁ ଛୁଇଁବାରେ ସଫଳ ହୋଇଛି। ପ୍ରକୃତିପ୍ରୀତି, ପରୋପକାର ଓ ମାତୃଭକ୍ତିର ମୂଲ୍ୟବୋଧରେ ସମୃଦ୍ଧ ତାଙ୍କର କବିତାଗୁଡ଼ିକ ଶିଶୁ-ମନସ୍ତତ୍ତ୍ୱର ବିଭିନ୍ନ ଦିଗକୁ ଅତି ନିପୁଣ ଭାବେ ଉନ୍ମୋଚନ କରେ। ଏହି ପୃଷ୍ଠଭୂମିରେ, ତାଙ୍କର ସମାଜ-କେନ୍ଦ୍ରିକ ଦୂରଦୃଷ୍ଟିକୁ ମୂଲ୍ୟାଙ୍କନ କରିବା ନିମନ୍ତେ ତାଙ୍କ ଦ୍ୱାରା ପ୍ରକାଶିତ ଛଅଗୋଟି  କବିତା ସଂକଳନ 'ମାଆ ପରି ମୋର କିଏସେ ହେବ' ଠାରୁ ଆରମ୍ଭ କରି 'ଟିକିକୁ ନ କର ହେଳା' ପର୍ଯ୍ୟନ୍ତ ଗ୍ରନ୍ଥଗୁଡ଼ିକର ବିବିଧ ଆନ୍ତରିକ ପ୍ରାସଙ୍ଗିକତା ଉପରେ ଏହି ପ୍ରବନ୍ଧରେ ଆଲୋଚନା କରାଯାଇଅଛି।

**Manuscript Information**

- **ISSN No:** 2583-7397
- **Received:** 04-01-2026
- **Accepted:** 25-02-2026
- **Published:** 28-02-2026
- **IJCRM:**5(1); 2026: 957-961
- **©2026, All Rights Reserved**
- **Plagiarism Checked:** Yes
- **Peer Review Process:** Yes

**How to Cite this Article**

ନିଶିକାନ୍ତ ବଳ. କୋମଳ ମତିର କାବ୍ୟ ଗାଥା : ଡକ୍ଟର ରାମଚନ୍ଦ୍ର ନାୟକଙ୍କ ଶିଶୁ କବିତା. Int J Contemp Res Multidiscip. 2026;5(1):957-961.

**Access this Article Online**

www.multiarticlesjournal.com

**ପ୍ରମୁଖ ଶବ୍ଦାବଳୀ** ଡକ୍ଟର ରାମଚନ୍ଦ୍ର ନାୟକ,ଓଡ଼ିଆ ଶିଶୁ ସାହିତ୍ୟ ,ଶିଶୁ ମନସ୍ତତ୍ତ୍ୱ,ନୈତିକତା,ପରିବେଶ ସଚେତନତା, ଜାତୀୟତାବୋଧ,ନାରୀ ଶିକ୍ଷା,ବିଭୁ ଚେତନା ,ହାସ୍ୟରସ ।


© 2026 ନିଶିକାନ୍ତ ବଳ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

## ପରିଚୟ

୧୯୯୦ ପରବର୍ତ୍ତୀ ଓଡ଼ିଆ ଶିଶୁ ସାହିତ୍ୟ କ୍ଷେତ୍ରରେ ଡକ୍ଟର ରାମଚନ୍ଦ୍ର ନାୟକ ବେଶ୍ ପରିଚିତ ଓ ଶ୍ରଦ୍ଧାଶୀଳ ଉଚ୍ଚାରଣ। ୧୯୫୦ ମସିହା ଜୁଲାଇ ୯ ତାରିଖରେ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ 'ଅତାସାହି' ଗ୍ରାମରେ ପିତା ଭାଗୀରଥୀ ନାୟକ ଓ ମାତା ଚମ୍ପାବତୀ ନାୟକଙ୍କ କୋଳମଣ୍ଡନ କରିଥିଲେ। ନିଜ ଜନ୍ମମାଟି, ଗାଁ ଓ ମା'କୁ ଆନ୍ତରିକତାର ସହିତ ଭଲପାଇ ସେ ସାହିତ୍ୟ ସାଧନାରେ ନିଜକୁ ସମ୍ପୂର୍ଣ୍ଣ ଉତ୍ସର୍ଗ କରିଦେଇଛନ୍ତି। ସରଳ, କୋମଳମତି ଶିଶୁମାନଙ୍କର ମନକୁ ବୁଝି, ସେମାନଙ୍କ ଭାବନାକୁ ସ୍ପର୍ଶ କରିବା ସହ ସେମାନଙ୍କ ନାଲିଟୁକୁଟୁକୁ ଓଠରେ ହସ ଫୁଟାଇବା ପାଇଁ ତାଙ୍କ ଲେଖନୀ ସଦା ଚଳଚଞ୍ଚଳ। ସରଳ ଭାଷା, ଯାଦୁକାରୀ ଶବ୍ଦଗୁମ୍ଫନ ଶୈଳୀ ତଥା ଗ୍ରାମ୍ୟ ଅନୁଭୂତିରେ ରସାଣିତ ତାଙ୍କ କବିତା କେବଳ ଶିଶୁ ନୁହେଁ, ବରଂ ସମଗ୍ର ପାଠକ ସମାଜର ହୃଦୟକୁ ସ୍ପର୍ଶ କରିଥାଏ। ତାଙ୍କ କବିତାରେ ସଧାରଣ ମଣିଷ ଓ ସାଧାରଣ ଜୀବନର ଝଲକ ସର୍ବତ୍ର ପ୍ରତିଫଳିତ ହେଉଥିବା ବେଳେ ଶିଶୁଟିର ସରଳ ହୃଦୟର କଥାକୁ ସେ ନିଜ ସାହିତ୍ୟରେ ଅତ୍ୟନ୍ତ ସୁନ୍ଦର ଭାବେ ପରିବେଷଣ କରିଛନ୍ତି। ଓଡ଼ିଆ ସାହିତ୍ୟରେ ପ୍ରବନ୍ଧ ତଥା ଉଚ୍ଚକୋଟୀର ଶିଶୁ ସାହିତ୍ୟ ରଚନା କରି ସେ ଓଡ଼ିଶାର ଜଣେ ଲବ୍ଧପ୍ରତିଷ୍ଠ ଶିଶୁ ସାହିତ୍ୟିକ ତଥା ସୁବକ୍ତା ଭାବେ ସୁନାମ ଅର୍ଜନ କରିଛନ୍ତି।

ଓଡ଼ିଆ ଶିଶୁ ସାହିତ୍ୟର ବିକାଶ ପର୍ବରେ ଡକ୍ଟର ନାୟକଙ୍କ କବିତା, ଗଳ୍ପ ଏବଂ ଭ୍ରମଣ ସାହିତ୍ୟର ଭୂମିକା ଅନନ୍ୟ। ବିଶେଷ କରି ତାଙ୍କ ଶିଶୁ କବିତାଗୁଡ଼ିକରେ ଶିଶୁର ଆବେଗ ଓ ଅନୁଭୂତି ଯେପରି ରୂପାୟିତ, ତାହା ପ୍ରଣିଧାନଯୋଗ୍ୟ। ଏହି ପୃଷ୍ଠଭୂମିରେ, ତାଙ୍କର ଶିଶୁ ସାହିତ୍ୟିକ ଆଭିମୁଖ୍ୟକୁ ପରଖିବା ପାଇଁ ତାଙ୍କ ରଚିତ ଛଅଗୋଟି  କବିତା ଗ୍ରନ୍ଥ ଯଥା— 'ମାଆ ପରି ମୋର କିଏସେ ହେବ','ଟାଇଁ ଟେରିକି','କେମିତି ଲାଗିବ କୁହ','ଟିକିଫୁଲର ବାସ','ଆମେ ଭାରତର ଶିଶୁ' ଓ 'ଟିକିକୁ ନ କର ହେଳା'ର ପ୍ରାସଙ୍ଗିକତାକୁ ଏହି ଅଧ୍ୟାୟରେ ଆଲୋଚନା ପରିସରଭୁକ୍ତ କରାଯାଇପାରେ।

### ମାଆ ପରି ମୋର କିଏସେ ହେବ :

୧୯୯୪ ମସିହା ଦୋଳ ପୂର୍ଣ୍ଣିମା ଅବସରରେ ପ୍ରକାଶିତ ଡକ୍ଟର ନାୟକଙ୍କ ପ୍ରଥମ କବିତା ସଂକଳନ 'ମା'ଆପରି ମୋର କିଏସେ ହେବ' ଓଡ଼ିଆ ଶିଶୁ ସାହିତ୍ୟର ଏକ ମାଇଲଖୁଣ୍ଟ। ଚଉଦ ଗୋଟି ସାରଗର୍ଭକ କବିତାର ସମାହାରରେ ସମୃଦ୍ଧ ଏହି ଗ୍ରନ୍ଥଟି ଶିଶୁ-ମନସ୍ତତ୍ତ୍ୱର ବିଭିନ୍ନ ଦିଗକୁ ଉନ୍ମୋଚିତ କରେ। ସଂକଳନର ନାମକରଣ ସୂଚକ ଶୀର୍ଷକ କବିତା 'ମା'ପରି ମୋର କିଏସେ ହେବ' ୧୯୯୩ରେ ରଚିତ ହୋଇ ୧୯୯୪ ମସିହା ଜୁନ୍ ମାସ ଶିଶୁଲେଖା ପତ୍ରିକାରେ ପ୍ରକାଶିତ ହୁଏ। ପରବର୍ତ୍ତୀ ସମୟରେ ପ୍ରାଥମିକ ଓ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଦ୍ୱିତୀୟ ଶ୍ରେଣୀ ପାଠ୍ୟକ୍ରମରେ ଗୃହୀତ ହୋଇ ଏହାର ସାର୍ବଜନୀନ ଉପାଦେୟତାକୁ ପ୍ରତିପାଦିତ କରିଛି। କବି ଏହି କବିତାରେ ମାଆର ଅସୀମ ମମତା, ତ୍ୟାଗ ଓ ସୁରକ୍ଷାତ୍ମକ ପଣତକାନିର  ସ୍ୱରୂପକୁ ଅତି ସରଳ ଢଙ୍ଗରେ ଆବେଗପୂର୍ଣ୍ଣ ରୂପ ଦେଇଛନ୍ତି। କବିଙ୍କ ଭାଷାରେ – **"ମାଆ ପରି ମୋର କିଏ ସେ ହେବ /ଜନମ ଦେଇ କି କ୍ଷୀର ଖୋଇବ /କୋଳେ ଧରିବ /ଗାଲ ଚୁମିବ/ ମୋ ଆଖିରେ  ଲୁହ ଜକେଇ ଆସିଲେ/ କାଖେଇକି ମୋତେ ହସେଇ ଦେବ...../. କିଏ ସେ ହେବ ।"(୧)**

ମାଆ ପରି ଶିଶୁର ଅତି ପ୍ରିୟ ବୁଢ଼ୀ ମାଆ ବାତ୍ସଲ୍ୟ ମମତା ଏବଂ ଗପ କହି ଶୁଆଇବାର ପାରମ୍ପରିକ ଶୈଳୀକୁ 'ବୁଢ଼ୀ ମାଆ ମୋ'ର ଭାରି ବଢ଼ିଆ' କବିତାରେ କବି ଜୀବନ୍ତ କରିଛନ୍ତି।

ଶିଶୁ ମନର ଉଲ୍ଲାସ ଓ କୌତୂହଳକୁ ଆଧାର କରି କବି ଏହି ସଂକଳନରେ ସରସ ହାସ୍ୟରସ ଓ କାହାଣୀ ଶୈଳୀର ଚମତ୍କାର ପ୍ରୟୋଗ କରିଛନ୍ତି। 'ସନେଇ ପଣ୍ଡାର ମୁହଁରେ ହସ','ଫୁଲେଇ ନାନୀର କୁଳେଇ ଖେଳ','ହସିଲା ବଢ଼ିଆ ଆମରି କୁନି', 'ମୁଣ୍ଡକୁଣ୍ଡଉଛି ବାସନ୍ତୀ ନାନୀ', ଆଦି କବିତାରେ ଧ୍ୱନ୍ୟାତ୍ମକ ଶବ୍ଦ ସଂଯୋଜନା ରହିଥିବା ବେଳେ କବିତାରେ କାହାଣୀ ପରିବେଷଣ କରି ଶିଶୁ ପ୍ରାଣକୁ ପୁଲକିତ କରିବାର କବି ପ୍ରୟାସ କରିଛନ୍ତି ତାଙ୍କ 'ଦରିଆ ମଝିରେ ହରିଆ ଭାଇ', ଓ 'କେଡ଼େ ବୁଦ୍ଧିଆ ଏ ବିକଳା ଭାଇ', କବିତାରେ । ସତ୍‌ରେ ଚାଲିଲେ, ପରିଶ୍ରମ କଲେ, ଈଶ୍ୱର ବିଶ୍ୱାସୀ ହେଲେ ଭାଗ୍ୟର ଅଭ୍ୟୁଦୟ ଘଟେ । ଯେମିତି ହୋଇଛି ହରିଆ ଜୀବନରେ । ପରିଶ୍ରମୀ ଈଶ୍ୱର ବିଶ୍ୱାସୀ ହରିଆକୁ ଦରିଆ ମଝିରେ ଜଳଦେବତା ଅନେକ ରତ୍ନ ପ୍ରଦାନ କରିଛନ୍ତି । ହରିଆ ନାହିଁ କରିଛି । ତେଣୁ ଜଳ ଦେବତା ତା'ପରିଶ୍ରମରେ ତୁଷ୍ଟ ହୋଇ କହିଛନ୍ତି – **"ସାହାସ ବାନ୍ଧଇ ମନରେ ଯିଏ / ମହତ କାମକୁ ଆଦରି ନିଏ /ହେଳା ନକରଇ ନିଜର କାମେ/ ବସଇ ଯାଇଁ ମୁଁ ତାହାରି ଧାମେ/ ନିତି ଦେଖୁଅଛି ମୁହିଁ/ ନାଆ ବାହିବାହି ତୁହି /ମଝି ଦରିଆରେ ଶରମ କରୁଛୁ/ ବରଷା କାକର ସହି ।" (୨)**

ଏହାସହ ସାମାଜିକ ସାମ୍ୟବାଦ ଓ ଅହଂକାରବିହୀନ ସେବା ମନୋବୃତ୍ତିକୁ ଜାଗ୍ରତ କରିବା ପାଇଁ 'ଡିବିରି କାହାଣୀ' କବିତାରେ ରାଜା-ପ୍ରଜା ବା ସାନ-ବଡ଼ର ଭେଦଭାବକୁ ଦୂର କରି ନିଜକୁ ସମାଜ ମଙ୍ଗଳରେ ନିୟୋଜିତ କରିବାର ଆଦର୍ଶ ଉପସ୍ଥାପିତ ହୋଇଛି। କବିଙ୍କ ଭାଷାର – **"ରାଜା ପରଜାରେ ନାହିଁ ବାରଣ / ଦୀନ ମୂଲିଆଙ୍କର ମୁଁ କାରଣ/ କରନି ଗରବ /ଆଦରେ ସରବ/ ସାନ ବଡଙ୍କୁ ମଣିଛି ସମାନ..../ ଆରେ ପବନ ।"(୩)**

ଶିଶୁ ଜୀବନର ପ୍ରାରମ୍ଭିକ ପର୍ଯ୍ୟାୟରୁ ଦେଶପ୍ରୀତି ଓ ନୈତିକତାର ବିକାଶ ଘଟାଇବା ପାଇଁ କବିଙ୍କର ସାରସ୍ୱତ ପ୍ରୟାସ ଏହି ଗ୍ରନ୍ଥରେ ବେଶ୍ ସୁସ୍ପଷ୍ଟ। 'ଗାନ୍ଧୀ ଛବିକି ଚାହିଁ ଚାହିଁକା' କବିତାରେ ଅହିଂସା ଓ ଶାନ୍ତିର ମହାମନ୍ତ୍ର ଆଧାରରେ ସୁନାର ଭାରତ ଗଢ଼ିବାର ସଂକଳ୍ପ ରହିଥିବା ବେଳେ 'ସୁନାପାରା' କବିତାରେ ଭାରତର ସର୍ବଧର୍ମ ସମନ୍ୱୟ ଓ ସ୍ୱାଧୀନତାର ଗୌରବକୁ ଚିତ୍ରିତ କରାଯାଇଛି। କବିଙ୍କ ଭାଷାରେ – **" ଉଡୁଛି ଉଚ୍ଚରେ ତ୍ରିରଙ୍ଗା ନେତ/ସଭିଙ୍କ ସମାନ ମଣିଛି ସେତ/ହିନ୍ଦୁ ମୁସଲମାନ/ବୌଦ୍ଧ ଖୀରସ୍ଥାନ/ଏ ଜାତିର ସିଏ ମୁକତି ଧାରା/ଉଡ଼ିଯାଆ ସୁନା ରାଇଜ ସାରା। (୪)**

ଆଧାତ୍ମିକ ପ୍ରବୃତ୍ତିର ବିକାଶ ନିମନ୍ତେ 'ସପନୀ ଦେଖିଲା କଳା ଠାକୁର' କବିତାରେ ଶିଶୁର ସରଳ ବିଭୁ-ଭକ୍ତି ଓ ସମର୍ପଣ ଭାବକୁ ଦେଖାଇ ଦିଆଯାଇଛି। ସର୍ବୋପରି, 'ହାତ ମଲ୍ଲୀ ଫୁଟେ ଝିରିଝିରିକା' କବିତାରେ ବାଣର ସାଙ୍ଗୀତିକ ବର୍ଣ୍ଣନା ମାଧ୍ୟମରେ ଶିଶୁକୁ ତାର ସାମାଜିକ ପରିବେଶ ସହ ପରିଚିତ କରାଯାଇଛି।

### ଟାଇଁ ଟେରିକି :

୧୯୯୭ ମସିହା ଶିଶୁ ସାହିତ୍ୟିକ ଶ୍ରୀଯୁକ୍ତ ନଦିଆ ବିହାରୀ ମହାନ୍ତିଙ୍କ ଦ୍ୱାରା 'ଧ୍ରୁବତାରା ସାହିତ୍ୟ ଅନୁଷ୍ଠାନ'ରେ ଉନ୍ମୋଚିତ ଡକ୍ଟର ନାୟକଙ୍କ ଏହି ଦ୍ୱିତୀୟ ଶିଶୁ କବିତା ସଂକଳନଟି ଓଡ଼ିଆ ଶିଶୁ ସାହିତ୍ୟ ଜଗତରେ ଏକ ଅନନ୍ୟ କୃତି। ସର୍ବମୋଟ ୧୫ ଗୋଟି ବିବିଧ ଭାବୋଦ୍ଦୀପକ କବିତାର ସମାହାରରେ ଗଠିତ ଏହି ସଂକଳନରେ ହାସ୍ୟରସ, କର୍ମବାଦ, ନାରୀ ଶିକ୍ଷା, ଦେଶାତ୍ମବୋଧ ଓ ପରିବେଶ ସୁରକ୍ଷା ଭଳି ସାମାଜିକ ତଥା ନୈତିକ ଅଭିମୁଖ୍ୟକୁ ଗବେଷଣାତ୍ମକ ଦୃଷ୍ଟିକୋଣରୁ ଅତି ନିପୁଣ ଭାବେ ଉପସ୍ଥାପନ କରାଯାଇଛି। ସଂକଳନର ପ୍ରଥମ କବିତା 'ଟାଇଁଟେରିକି' ଏକ ଧ୍ୱନ୍ୟାତ୍ମକ ଓ ହାସ୍ୟରସାତ୍ମକ ଶୈଳୀରେ ରଚିତ ହୋଇ ଶିଶୁ ମନକୁ ଆକୃଷ୍ଟ କରିବାରେ ସମର୍ଥ ହୋଇଛି।


© 2026 ନିଶିକାନ୍ତ ବଳ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ସାମାଜିକ ସଂସ୍କାର ଓ ସଚେତନତା ନିମନ୍ତେ ଶିକ୍ଷାର ଭୂମିକାକୁ କବି ଏହି ସଂକଳନରେ ବିଶେଷ ପ୍ରାଧାନ୍ୟ ଦେଇଛନ୍ତି। 'ସର ନାନୀର ପାଠପଢ଼ା' କବିତାରେ ନାରୀ ଶିକ୍ଷାର ଗୁରୁତ୍ୱ ଏବଂ ଶିକ୍ଷା ମାଧ୍ୟମରେ ମହିଳାମାନଙ୍କ ନେତୃତ୍ୱ ନେବାର ଦକ୍ଷତାକୁ ଅତି ସରଳ ଓ ପ୍ରେରଣାଦାୟୀ ଭାବେ ବର୍ଣ୍ଣନା କରାଯାଇଛି। କବିଙ୍କ ଭାଷାରେ – **"ବାପାଙ୍କ ସହିତ ଗାଆଁକୁ ଯାଇ/ବହି ବସ୍ତାନିକୁ କାଖରେ ନେଇ/ସଫା ଲଣ୍ଠନକୁ ଧରିଲା ହାତେ/ପାଠ ପଢ଼ିଗଲା ଅକାତେ କାତେ/ଭାଷଣ ଦେଲା ସେ ହସି/ସରନାନି ସଭା ନେତିରୀ ହୋଇଲା/ଆମେ ହେଲୁ ସବୁ ଖୁସି।" (୫)**

ସେହିପରି ଜୀବନରେ 'କର୍ମ ହିଁ ଭଗବାନ'—ଏହି ମହତ୍ ଆଦର୍ଶକୁ ପ୍ରତିପାଦିତ କରି କବି ସମାଜରେ ଛୋଟବଡ଼ ଭେଦଭାବ ଦୂର କରି କର୍ମପଥରେ ଆଗେଇବାକୁ ଆହ୍ୱାନ ଦେଇଛନ୍ତି। 'କାଉରେ କାଉ କେଣିକି ଯାଉ' କବିତାରେ କାଉ ଭଳି ଏକ ସାଧାରଣ ପକ୍ଷୀ ନିଜେ କଷ୍ଟ ସହି ପରିବେଶକୁ ସଫା ରଖିବା ଓ 'କରିବା ଆମେ ଆମରି କାମ' କବିତାରେ କ୍ଷୁଦ୍ର ଜୀବ ମଧ୍ୟରେ ଲୁଚି ରହିଥିବା ଅସୀମ ସାଧନା ବଳରେ ସଂସାରର ହିତ ସାଧନ କରିବାର ଦିଗ୍‌ଦର୍ଶନ କର୍ମବାଦର ଶ୍ରେଷ୍ଠ ନିଦର୍ଶନ ପ୍ରଦାନ କରେ।

ଶିଶୁର କୋମଳ ଚରିତ୍ର ଗଠନ ଓ ପାରିବେଶିକ ସନ୍ତୁଳନ ରକ୍ଷା କ୍ଷେତ୍ରରେ କବିଙ୍କର ଦୂରଦୃଷ୍ଟି ଏହି ସଂକଳନର ଅନ୍ୟ ଏକ ଉଲ୍ଲେଖନୀୟ ବିଭବ। 'ଆମରି ମା' ଏ ଭାରତ ଭୂଇଁ' କବିତାରେ ସମସ୍ତ ସଂକୀର୍ଣ୍ଣତା ଓ ଜାତିଗତ ଭେଦଭାବ ଭୁଲି ମିଳିମିଶି ଚଳିବାକୁ ଉପଦେଶ ଦିଆଯାଇଥିବା ବେଳେ 'ଗଛ କାହାଣୀ' କବିତାରେ ବୃକ୍ଷର ମାନବୀକରଣ କରାଯାଇ ଶିଶୁମାନଙ୍କୁ ଗଛର ସୁରକ୍ଷା ପାଇଁ ଶପଥ କରାଇବାର ଅଭିନବ ପ୍ରୟାସ କରାଯାଇଛି। ଶେଷରେ, ସାମ୍ପ୍ରତିକ ପରିବେଶ ପ୍ରଦୂଷଣର ସମାଧାନ ସ୍ୱରୂପ 'ଆମ ବନ ଆମ ଧନ' କବିତାରେ ଜଙ୍ଗଲର ଉପକାରିତା ଏବଂ ବ୍ୟାପକ ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦିଆଯାଇଛି। କବିଙ୍କ ଭାଷାରେ – **"ବଣ ପାଖେ ବହୁଅଛି କେତେ ଭଲ ପବନ/ଶୋଭା ତାର ଦେଖି ମନ ହୋଇଯାଏ ମଗନ/ସେ ପାଖରେ ଧୂଳିଧୂଆଁ ବଣ ଶୋଷି ନେଉଛି/ସେଥିପାଇଁ ସେଠି ଏତେ ଭଲ ବାଆ ବହୁଛି/ଆସ ତେଣୁ ଗଛ ଲଗାଇବା ବଣ କରିବା/ଆମରି ସମ୍ପଦ ମଣି ସାଇତିଣ ରଖିବା"(୬)**

**କେମିତି ଲାଗିବ କୁହ :**

ଡ.ନାୟକଙ୍କ ତୃତୀୟ କବିତା ସଂକଳନ  'କେମିତି ଲାଗିବ କୁହ' ୧୯୯୯ ମସିହା ରାହାସ ପୂର୍ଣ୍ଣିମାରେ  ପ୍ରକାଶ ପାଏ। ସର୍ବମୋଟ ୨୦ ଗୋଟି ସୁଖପାଠ୍ୟ କବିତାର ସମାହାରରେ ଗଠିତ ଏହି ସଂକଳନରେ କବି ଶିଶୁର ସହଜାତ ମନସ୍ତତ୍ତ୍ୱକୁ ଆଖିରେ ରଖି ଶବ୍ଦ ଓ ଭାବର ଚମତ୍କାର ପ୍ରୟୋଗ କରିଛନ୍ତି। ପାଠ୍ୟ ବିଷୟ ମଧ୍ୟରେ ଶିଶୁ ନିଜକୁ ଆବିଷ୍କାର କରିବା ସହ ଜ୍ଞାନ, ଆନନ୍ଦ ଓ ନୈତିକତାର ସାର୍ଥକ ସମନ୍ୱୟ ଏହି କୃତିର ପ୍ରତିଟି ପୃଷ୍ଠାରେ ଲକ୍ଷ୍ୟ କରାଯାଏ। ସଂକଳନର ପ୍ରଥମ କବିତା 'କେମିତି ଲାଗିବ କୁହ'ରେ ଶିଶୁର ଖାଦ୍ୟପ୍ରିୟତା ଓ ଚପଳତାକୁ ସରସ ଭାବେ ରୂପାୟିତ କରାଯାଇଥିବା ବେଳେ 'ଆମରି ବଣ ଆମ ପରାଣ' କବିତାରେ ବୃକ୍ଷଲତାର ଔଷଧୀୟ ଗୁଣ ଓ ଅମ୍ଳଜାନ ପ୍ରଦାନ କରିବାର ଅବଦାନ ମାଧ୍ୟମରେ ପରିବେଶ ସଚେତନତା ସୃଷ୍ଟି କରାଯାଇଛି। ସେହିପରି 'ଶାଗୁଣା' କବିତାରେ ପ୍ରାକୃତିକ ସନ୍ତୁଳନ ରକ୍ଷା କ୍ଷେତ୍ରରେ ସାଧାରଣ ଦୃଷ୍ଟିରେ ହେୟ ମନେହେଉଥିବା 'ଶାଗୁଣା'ର ପରିବେଶ ସଫେଇ କାର୍ଯ୍ୟକୁ କବି ଅତି ସୁନ୍ଦର ଭାବେ ଉପସ୍ଥାପନ କରି ଜୀବଜଗତର ପରସ୍ପର ନିର୍ଭରଶୀଳତାକୁ ପ୍ରତିପାଦିତ କରିଛନ୍ତି। କବିଙ୍କ ଭାଷାରେ – **"ଟେଁ ଟେଁ କରି ଦିଅନ୍ତି କହି/ଶୁଣରେ ମଣିଷ ଭଉଣୀ ଭାଇ/ପଚା ସଢ଼ା ଆମ ବାରଣ ନାହିଁ/ପାଉଅଛୁ ଯାହା ଖାଉଛୁ ତହିଁ/ସଦା ଖୁସି ଆମ ମନ/ମଶାଣି ଭୁଇଁକି ସଫା କରୁଅଛୁ/ଲାଗିପଡି ରାତିଦିନ।" (୭)**

ଶିଶୁ ମନରୁ ବାହ୍ୟ ରୂପର ଭେଦଭାବ ଦୂର କରି କର୍ମର ମହାନତାକୁ ପ୍ରତିଷ୍ଠା କରିବା ପାଇଁ 'ବଡ଼ କିଏ' କବିତାରେ କଳା ଓ ଧଳା ରଙ୍ଗର କଳି ମାଧ୍ୟମରେ ରୂପ ଅପେକ୍ଷା ଗୁଣର ଶ୍ରେଷ୍ଠତ୍ୱ ପ୍ରତିପାଦନ କରାଯାଇଛି।

ଶିଶୁର ଚରିତ୍ର ଗଠନ ପାଇଁ କବି ଉତ୍କଳମଣି ଗୋପବନ୍ଧୁଙ୍କ ତ୍ୟାଗ ଓ ସେବାକୁ 'ମଣିଷ ଭଳିଆ ମଣିଷ ସିଏ' କବିତାରେ ଆଦର୍ଶ ଭାବେ ଉପସ୍ଥାପିତ କରିଛନ୍ତି। କବିଙ୍କ ଭାଷାରେ- **ମଣିଷ ଭଳିଆ ମଣିଷ ସିଏ/ଦୁଃଖିଙ୍କ ଦୁଆର ଦୁଆର ଯାଏ/ବାନ୍ଧବ ପ୍ରାୟେ ପଚାରୁ ଥାଏ/ରାଇଜ ଯାକର ମରୁଡ଼ି ବଢ଼ିରେ/ଦେଖିନି ତାହାକୁ କହନି କିଏ ?/ମଣିଷ ସିଏ।(୮)**

'ମୁହଁରେ ହରଷ ଭରିଦେ' କବିତାରେ ମହୁମାଛି ପରି ପରିଶ୍ରମୀ ଓ ସଂଗ୍ରହଶୀଳ ହେବାର ପ୍ରେରଣା ରହିଥିବା ବେଳେ 'ଏ ଜନ ଜଗତେ ତୋ ନାଆଁ ରହୁ' କବିତାରେ ମାତୃଭକ୍ତି ଓ ମାଆର ଅସୀମ ତ୍ୟାଗର ଆବେଗପୂର୍ଣ୍ଣ ଆଲେଖ୍ୟ ରହିଛି। 'କାନ୍ଦେ ଜନମ ଭୂଇଁ' କବିତାରେ କାର୍ଗିଲ୍ ଯୁଦ୍ଧର ସହିଦ ଯବାନଙ୍କ ପ୍ରସଙ୍ଗ ଦେଶାତ୍ମବୋଧର ଚେତନା ଜାଗ୍ରତ କରୁଥିବା ବେଳେ 'କାହିଁକି ପୋଷିଲ ମହୀ କି?' କବିତାରେ କୁକୁଡ଼ାର ଆର୍ତ୍ତନାଦ ମାଧ୍ୟମରେ ଶିଶୁ ହୃଦୟରେ ଜୀବପ୍ରତି ଦୟାଭାବ ସୃଷ୍ଟିର ପ୍ରୟାସ କରାଯାଇଛି। ସଂକଳନର ସର୍ବଶେଷ କବିତା 'ଓଡ଼ିଶା ରାଇଜେ ଆମରି ଘର'ରେ ଓଡ଼ିଶାର ସମସ୍ତ ଜିଲ୍ଲାର ନାମକୁ ସାଙ୍ଗୀତିକ ଛନ୍ଦରେ ସନ୍ନିବେଶିତ କରାଯାଇଛି, ଯାହା ଶିଶୁର ମନୋରଞ୍ଜନ ସହ ଭୌଗୋଳିକ ଜ୍ଞାନର ବିକାଶ ଘଟାଇଥାଏ।

**ଟିକି ଫୁଲର ବାସ :**

ଶିଶୁର ସର୍ବାଙ୍ଗୀନ ବିକାଶକୁ ଆଖିରେ ରଖି ୨୦୦୭ ମସିହାରେ ପ୍ରକାଶ ପାଇଥିଲା ଡକ୍ଟର ନାୟକଙ୍କ କବିତା ଗ୍ରନ୍ଥ 'ଟିକି ଫୁଲର ବାସ'। ଏହି ସଂକଳନରେ ସନ୍ନିବେଶିତ ୨୪ ଗୋଟି କବିତା କେବଳ ଶିଶୁମାନଙ୍କର ମନୋରଞ୍ଜନ କରେନାହିଁ, ବରଂ ସେମାନଙ୍କ ଅନ୍ତରରେ ନୀତିବୋଧ, ଦେଶପ୍ରେମ ଓ ସତ୍‌କର୍ମର ବୀଜ ବପନ କରିଥାଏ। ଶିଶୁର ଆଚରଣ ଗଠନ ହିଁ ସୁସ୍ଥ ସମାଜ ଗଠନର ପ୍ରେରଣା— ଏହି ମହତ୍ ବାର୍ତ୍ତାକୁ କବି ଏହାର ପ୍ରତିଟି କବିତାରେ ଅତି ନିପୁଣ ଭାବେ ରୂପାୟିତ କରିଛନ୍ତି।

ସଂକଳନର ନାମକରଣ ସୂଚକ ପ୍ରଥମ କବିତା 'ଟିକି ଫୁଲର ବାସ'ରେ ପରୋପକାର ଓ ଜଗତର କଲ୍ୟାଣ ସାଧନକୁ ଜୀବନର ମୂଳ ଲକ୍ଷ୍ୟ ଭାବେ ଉପସ୍ଥାପିତ କରାଯାଇଛି। ଠିକ୍ ସେହିପରି 'ପତର କଥା' କବିତାରେ ପ୍ରକୃତିର ନିଷ୍ପାପ ଉପାଦାନ ମାଧ୍ୟମରେ ନିଜ ସୁଖ ଦୁଃଖକୁ ଭୁଲି ଅନ୍ୟର ହିତ ସାଧନ ପାଇଁ ଉତ୍ସର୍ଗୀକୃତ ହେବାର ଆଦର୍ଶ ବର୍ଣ୍ଣିତ। କବିଙ୍କ ଭାଷାରେ **– "ପତର ମୁଁ ପତର/ଶୁଣ ସାତ ସତର/ଖରା ବରଷାକୁ ମୋର/ନାହିଁ ଡରିଲେ ଖାତାର/କଅଁଳିଆ ମନରେ/ହୁଏ ଛନ ଛନରେ/ତାର ଉପକାର ପାଇଁ/ପାଞ୍ଚେ ରାତି ଦିନରେ।" (୯)**

କବି ଶିଶୁ ମନର କୌତୂହଳ ପ୍ରବୃତ୍ତିକୁ ଆଖିରେ ରଖି ଶୁଷ୍କ ଉପଦେଶ ବଦଳରେ 'ଝୁମ୍ପୁରୀ ଆଇ' ଭଳି କବିତାରେ ସରସ ହାସ୍ୟରସର ଅବତାରଣା କରି ସାହିତ୍ୟକୁ ଆମୋଦଦାୟକ କରିପାରିଛନ୍ତି।

ଦେଶପ୍ରୀତି ଓ ଆଞ୍ଚଳିକ ଅସ୍ମିତାର ଜାଗରଣ ଏହି ସଂକଳନର ଅନ୍ୟ ଏକ ଉଲ୍ଲେଖନୀୟ ଦିଗ। 'ମାଆର ଗୁଣକୁ ଗାଆ' କବିତାରେ କବି ଓଡ଼ିଶାର ବୀର ଓ ବରପୁତ୍ର ଯଥା- ଚନ୍ଦନ ହଜୁରୀ, ବାଜିରାଉତ, ଲକ୍ଷ୍ମଣ ନାୟକ, ସାମନ୍ତ ଚନ୍ଦ୍ରଶେଖର, ମଧୁସୂଦନ ଦାସ ଓ ଉତ୍କଳମଣି ଗୋପବନ୍ଧୁଙ୍କ ଗୌରବ ଗାଥା ସ୍ମରଣ କରାଇ ଶିଶୁ ହୃଦୟରେ ଜାତୀୟତାବୋଧର ବୀଜ ବପନ କରିଛନ୍ତି। ଏହା ସହ 'ତୁ ପରା କହିବୁ ଗାଆଁର କଥା' ଏବଂ 'ବଢ଼ିବ ଜାତିର ଯଶ' ଆଦି କବିତାରେ ମାତୃଭୂମିର ସେବା ଓ ନିଜ ଗାଁର ସ୍ୱାଭିମାନ ରକ୍ଷା ପାଇଁ କୁନି ପିଲାମାନଙ୍କୁ ପ୍ରେରିତ କରାଯାଇଛି। କବିଙ୍କ ଭାଷାରେ – **"ଅନାଇ ରହିଛି ଗାଆଁର ଭୂଇଁ/ତୋହରି ଶରଣ ପାଇବା ପାଇଁ/×××/ତୁ ପରା କହିବୁ**


© 2026 ନିଶିକାନ୍ତ ବଳ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

**ଗାଆଁର କଥା/ତୋ ଲାଗି ସେହିଯେ ଟେକିବ ମଥା।/ତୋ ଲାଗି ଗାଆଁରେ ଫୁଟିବ ହସ/ତୋ ପାଇଁ ବଢ଼ିବ ଜାତିର ଯଶ (୧୦)**

କବିଙ୍କ ଦୃଷ୍ଟିରେ କର୍ମ ହିଁ ସଂସାରର ଶ୍ରେଷ୍ଠ ଶୋଭା। 'କାହାକୁ ସୁନ୍ଦର କିଏ' କବିତାରେ ପ୍ରକୃତିର ସମସ୍ତ ଉପାଦାନ ନିଜ ନିଜ କର୍ମରେ ବ୍ରତୀ ଥିବା ଦର୍ଶାଇ 'କର୍ମବାଦ'କୁ ସବୁଠାରୁ ଉଚ୍ଚ ଆସନ ଦିଆଯାଇଛି। ଅପରପକ୍ଷରେ, 'କରିଦେ ମୋତେ ଦାଣ୍ଡର ଧୂଳି' କବିତାରେ ଅହଂକାରବିହୀନ ଉଦାର ସମର୍ପଣ ଭାବ ଓ 'ସୁନ୍ଦର ସଂସାର' କବିତାରେ ସମଗ୍ର ମାନବ ଜାତିକୁ ଆପଣାର କରିବାର ଐଶ୍ୱରୀୟ ଓ ଆଧାତ୍ମିକ ଚେତନା ଅତି ନିଖୁଣ ଭାବେ ପ୍ରତିଫଳିତ।

**ଆମେ ଭାରତର ଶିଶୁ :**

୨୦୧୦ ମସିହାରେ ପ୍ରକାଶିତ ଡକ୍ଟର ନାୟକଙ୍କ କାବ୍ୟ-ମାନସର ଅନ୍ୟତମ ଶ୍ରେଷ୍ଠ ସାରସ୍ୱତ ଅନୁଭବ ହେଉଛି 'ଆମେ ଭାରତର ଶିଶୁ' କବିତା ସଂକଳନ। ମୋଟ୍ ୩୮ ଗୋଟି କବିତାକୁ ନେଇ ସମୃଦ୍ଧ ଏହି ସଂକଳନରେ ଶିଶୁର ଆତ୍ମଚରିତ୍ର ଗଠନ ସହ ଜାତୀୟ ଚରିତ୍ର ନିର୍ମାଣର ଏକ ସୁମଧୁର ସମନ୍ୱୟ ଲକ୍ଷ୍ୟ କରାଯାଏ। କବି ଏଥିରେ ଏକାଧାରରେ ଜାତୀୟତାବୋଧ, ପଲ୍ଲୀପ୍ରୀତି, ନୀତିଶିକ୍ଷା, ପରମ୍ପରା, ହାସ୍ୟରସ ଓ ପ୍ରକୃତି ପ୍ରୀତିକୁ ଅତି ଚମତ୍କାର ଭାବେ ରୂପାୟନ କରିଛନ୍ତି, ଯାହା ଶିଶୁମାନଙ୍କୁ ଆମୋଦିତ କରିବା ସହ ଏକ ଉତ୍ତମ ନାଗରିକ ଭାବେ ଗଢ଼ିତୋଳିବାରେ ସହାୟକ ହୋଇଥାଏ।

ସଂକଳନର ମୁଖ୍ୟ ସ୍ୱର ହେଉଛି ଉଦାର ଜାତୀୟତାବୋଧ। 'ଆମେ ଭାରତ ଶିଶୁ' କବିତାରେ କବି ଭାରତର ଭୌଗୋଳିକ ସୀମା ଓ ବିଭିନ୍ନତା ମଧ୍ୟରେ ଏକତାର ମନ୍ତ୍ର ପ୍ରଚାର କରି ଶିଶୁ ମନରେ 'ବସୁଧୈବ କୁଟୁମ୍ବକମ୍' ଭାବନା ଜାଗ୍ରତ କରିଛନ୍ତି। ସେହିପରି 'ଭରିଦେ ଚିତ୍ତରେ ଓଡ଼ିଆ ଭାବ' କବିତାରେ ଓଡ଼ିଶାର ଗଙ୍ଗାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଗୌରବମୟ ଇତିହାସ ଓ ପାଇକ ପୁଅର ବୀରତ୍ୱକୁ ସ୍ମରଣ କରାଇ ଶିଶୁ ହୃଦୟରେ ଆଞ୍ଚଳିକ ଅସ୍ମିତା ଓ ସ୍ୱାଭିମାନର ବୀଜ ବପନ କରିଛନ୍ତି। କବିଙ୍କ ଭାଷାରେ –**" ଆମେ ଓଡ଼ିଆ ପୁଅରେ ଭାଇ/ଆମେ ଓଡ଼ିଆ ପୁଅ/ଓଡ଼ିଶା ଆମ ଜନମ ଭୂଇଁ/ମୁକୁଳାମନେ କୁହ।/×××/ଏଇଠି ଥିଲେ ପାଇକ ପୁଅ/ହାତରେ ଖଣ୍ଡା ଧରି/ରାଇଜ ସୀମା ବଢ଼ାଇଥିଲେ/ଗଙ୍ଗାରୁ ଗୋଦାବରୀ।"(୧୧)**

ଅନ୍ୟପକ୍ଷରେ, ଶିଶୁର ଚରିତ୍ର ଗଠନ ପାଇଁ 'ବଢ଼ିବ ଜାତିର ଯଶ' ଏବଂ 'ମହତ ହୋଇବ ଭଉଣୀ ଭାଇ' ଆଦି କବିତାରେ କର୍ମଠତା, ସତ୍ୟବାଦିତା, ସଞ୍ଚୟ ମନୋବୃତ୍ତି ଓ ନମ୍ର ବଚନର ଉପାଦେୟତା ଉପରେ ଗୁରୁତ୍ୱ ଦିଆଯାଇଛି। କବିଙ୍କ ମତରେ କୋମଳ ବଚନ ହିଁ ସଂସାରକୁ ଆପଣାର କରିବାର ଶ୍ରେଷ୍ଠ ମାଧ୍ୟମ।

କେବଳ ଶୁଷ୍କ ଉପଦେଶ ନୁହେଁ, ବରଂ ଶିଶୁର ମନସ୍ତତ୍ତ୍ୱକୁ ଆଖିରେ ରଖି କବି ଏଥିରେ ସରସ ହାସ୍ୟରସ ଓ ଜିଜ୍ଞାସାର ପ୍ରୟୋଗ କରିଛନ୍ତି। 'ଅଜା ଆଇଙ୍କର ବଜାର ବୁଲା' କିମ୍ବା 'ବାହାଘର ଗଲା ଫସଲ ଫାଟି' ଭଳି କବିତାରେ ଚରିତ୍ରମାନଙ୍କର ହାସ୍ୟୋଦ୍ଦୀପକ ବର୍ଣ୍ଣନା ଶିଶୁ ଓଠରେ ହସ ଫୁଟାଉଥିବା ବେଳେ, ପ୍ରହେଳିକା ଛଳରେ ରଚିତ 'ଦାଆ' କବିତା ଶିଶୁର ଜ୍ଞାନ ଆହରଣ ସ୍ପୃହାରୁ ପରିତୃପ୍ତ କରେ। ଏହାସହ 'ଆମ ଗାଁ ରଜ' କବିତାରେ ପଲ୍ଲୀର ପାରମ୍ପରିକ ପର୍ବପର୍ବାଣୀ ଓ 'କହିକେ ପାରିବ ଆଉ ?' କବିତାରେ ଧରିତ୍ରୀର ସହନଶୀଳତା ମାଧ୍ୟମରେ ପ୍ରକୃତିରୁ ଶିକ୍ଷାଲାଭ କରିବାର ସହଜ ମାର୍ଗ ଦେଖାଯାଇଛି। ସର୍ବୋପରି, 'ଅମୃତର ସ୍ୱାଦ' କବିତାରେ ଈଶ୍ୱରଙ୍କ କରୁଣା ପ୍ରତି ସମର୍ପଣ ଭାବନା ଶିଶୁ ମନରେ ଆଧାତ୍ମିକ ଚେତନା ଜାଗ୍ରତ କରେ।

**ଟିକିକୁ ନକର ହେଳା :**

ଡକ୍ଟର ରାମଚନ୍ଦ୍ର ନାୟକଙ୍କ ଦ୍ୱାରା ରଚିତ ଶିଶୁ କବିତା ସଂକଳନ 'ଟିକିକୁ ନକର ହେଳା' (୨୦୧୩) ଓଡ଼ିଆ ଶିଶୁ ସାହିତ୍ୟର ଇତିହାସରେ ଏକ ମନୋଜ୍ଞ ତଥା ଯୁଗାନ୍ତକାରୀ ସାରସ୍ୱତ ସୃଷ୍ଟି। ସର୍ବମୋଟ ୩୫ ଗୋଟି ଶିକ୍ଷାମୂଳକ କବିତାର ସମାହାରରେ ଗଠିତ ଏହି ସଂକଳନଟି ଶିଶୁ ଓ କିଶୋର ମନସ୍ତତ୍ତ୍ୱକୁ ଆଧାର କରି ଏକ ସୁସ୍ଥ ସମାଜ ଗଠନ ଦିଗରେ ପ୍ରେରଣାଦାୟୀ ଭୂମିକା ଗ୍ରହଣ କରିଛି। ସରଳ, ସରସ ଓ ପ୍ରାଞ୍ଜଳ ଭାଷାଶୈଳୀରେ ରଚିତ ଏହି ପୁସ୍ତକଟି ଶିଶୁ ମନରେ ମାନବୀୟ ଓ ନୈତିକ ଭାବଧାରାର ସଂସ୍କାର ବୀଜ ରୋପଣ କରିବା ସହ ଓଡ଼ିଆ ଶିଶୁ କାବ୍ୟ-ପରମ୍ପରାକୁ ଅଧିକ ଋଦ୍ଧିମନ୍ତ କରିଛି। ଏକ ସୁନାଗରିକର ଚରିତ୍ର ଗଠନ ପାଇଁ ଆବଶ୍ୟକ ହେଉଥିବା ବିଭିନ୍ନ ନୈତିକ ଆଦର୍ଶ ଏହି ସଂକଳନର ପ୍ରତିଟି କବିତାରେ ଅତି ନିପୁଣ ଭାବେ ପର୍ଯ୍ୟାଲୋଚନା କରାଯାଇଛି।

ଶିଶୁ ମନରେ ଆଧାତ୍ମିକ ପ୍ରବୃତ୍ତି ଜାଗ୍ରତ କରିବା ପାଇଁ କବି ବିଭୁ ଚେତନାକୁ ସଂକଳନରେ ବିଶେଷ ସ୍ଥାନ ଦେଇଛନ୍ତି। 'ତୋ ଭଳି ଠାକୁର ଥାଉ' ଏବଂ 'ଦେହ ପାଆ ତୋର ଭଲରେ ଥାଉ' କବିତାରେ ପ୍ରଭୁ ଜଗନ୍ନାଥଙ୍କ ଅସୀମ କରୁଣା, ଭକ୍ତବତ୍ସଳତା ଓ ଉଦାରତାକୁ ଚିତ୍ରିତ କରାଯାଇଥିବା ବେଳେ 'ମାଣିକ ଝରା' କବିତାରେ ଦେବୀ ଦୁର୍ଗାଙ୍କ ମହିମା ଏବଂ ସରଳ ଲୋକଙ୍କ ପ୍ରତି ତାଙ୍କର କରୁଣାବାରିକୁ ବର୍ଣ୍ଣନା କରାଯାଇଛି। କବିଙ୍କ ଭାଷାରେ- **"ପାଆ ଦୁଃଖ ପଛେ କାଳିଆ ଧନରେ/ଦୁଃଖିଙ୍କି ନମଣ ପର/ଦେହ ପାଆ ତୋର ଭଲରେ ଥାଉରେ / ଅନ୍ତର ଖୋଜଇ ମୋର।"(୧୨)**

ସେହିପରି ମାନବିକତାର ଶ୍ରେଷ୍ଠ ଗୁଣ ପରୋପକାରକୁ ଶିଶୁ ଚରିତ୍ରର ଅଙ୍ଗ କରିବା ପାଇଁ କବି 'କଥାମୁଁ କହିବି କଥାଟିଏ' କବିତାରେ ବୃକ୍ଷଲତାର ସ୍ୱାର୍ଥହୀନ ଅବଦାନ ଏବଂ 'ମେଣ୍ଢା' କବିତାରେ ନିଜେ କଷ୍ଟ ସହି ଅନ୍ୟକୁ ଶୀତରୁ ରକ୍ଷା କରିବାର ତ୍ୟାଗପୂତ ମନୋଭାବକୁ ରୂପକ ଶୈଳୀରେ ଉପସ୍ଥାପନ କରିଛନ୍ତି।ସାମ୍ପ୍ରତିକ ପରିବେଶ ସୁରକ୍ଷାର ଆବଶ୍ୟକତାକୁ ଉପଲବ୍ଧି କରି କବି 'ପାହାଡ଼ି ଝରଣା ସାକ୍ଷୀ' ଓ 'ଗଛ ହଣା ଦେଲା ଛାଡ଼ି' କବିତା ମାଧ୍ୟମରେ ବ୍ୟାପକ ବୃକ୍ଷରୋପଣ, ଜଙ୍ଗଲ ସୁରକ୍ଷା ଓ ପ୍ରକୃତିକୁ ଭଲପାଇବାର ନିର୍ମଳ ନୀତିଶିକ୍ଷା ପ୍ରଦାନ କରିଛନ୍ତି। କବିଙ୍କ ଭାଷାରେ - **ଆସ ଆଜି ସବୁ ମଣିଷ ଆମେରେ/ଏକାଠି ହୋଇବା ଯାଇ/କୁହା କୁହି ହେବା ଏକକୁ ଆରେକ/ବନର ଯତନ ପାଇଁ/ବନଦେବ ହେଲେ ସୁଖୀ/ନ ହୋଇବା କେହି ଦୁଃଖୀ/ବୁଝୁକି ନ ବୁଝୁ କିଏ ସେ କଥାରେ/ପାହାଡି ଝରଣା ସାକ୍ଷୀ।"(୧୩)**

କ୍ଷୁଦ୍ର ମଧ୍ୟରେ ଅସୀମ ବୃହତ୍ତର ସମ୍ଭାବନା ଲୁଚି ରହିଥିବା କଥା କବି ନିଜ ସୃଷ୍ଟିରେ ପ୍ରତିପାଦନ କରିଛନ୍ତି। ସଂକଳନର ନାମକରଣ ସୂଚକ କବିତା 'ଟିକିକୁ ନକର ହେଳା'ରେ ଟିକି ଲୁହା, ଟିକି ଦୀପ, କ୍ଷୁଦ୍ର କଲମ ଓ କୁନି ଶିଶୁର ସାମର୍ଥ୍ୟ ମଧ୍ୟରେ ଲୁଚି ରହିଥିବା ବିରାଟ ପରିବର୍ତ୍ତନର ସ୍ୱରୂପକୁ ଦେଖାଇ ଦିଆଯାଇଛି। ସେହିପରି 'ପରମ ବାନ୍ଧବ' କବିତାରେ କ୍ଷୁଦ୍ର କଲମର ଜ୍ଞାନ ବିସ୍ତାରକାରୀ ମହତ୍ତ୍ୱ ଓ 'ଟିକି କନିଆ' କବିତାରେ ଟିକି ଝିଅଟିର ସାରସ୍ୱତ ସାଧନାକୁ ଉଚ୍ଚ ପ୍ରଶଂସା କରାଯାଇଛି। ଏହା ବ୍ୟତୀତ ଶିଶୁ ହୃଦୟରେ ସ୍ୱଦେଶପ୍ରୀତିର ଜାଗରଣ ପାଇଁ 'ଶପଥ ନେବା', 'ବେଳ ଯାଉଛି ନଇଁ' ଓ 'ଗାଆଁ ମୁଣ୍ଡ' କବିତାରେ ଜନ୍ମମାଟିର ସେବା, ମାତୃଭୂମିର ଗୌରବଗାନ ଏବଂ ପାରମ୍ପରିକ ପଲ୍ଲୀଜୀବନର ପରିବର୍ତ୍ତିତ ରୂପ ପ୍ରତି ଅନୁରାଗ ପ୍ରକାଶ ପାଇଛି।କବିଙ୍କ ଭାଷାରେ – **କରିଛି ପଣ କରିବି ରଣ/ଆଗକୁ ଯିବି ମାଡ଼ି/ମାଆର ଟେକ ରଖିବା ପାଇଁ/ଜୀବନ ଦେବି ବାଢ଼ି ।"(୧୪)**


© 2026 ନିଶିକାନ୍ତ ବଳ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

କବି 'ନରହିବ କିଛି ବାକି', 'ସୁଖକୁ ଖୋଜିବା ଭଉଣୀ ଭାଇ' ଓ 'ଢେଉ' କବିତା ମାଧ୍ୟମରେ ସଦାଚାର, ସମୟାନୁବର୍ତ୍ତିତା ଏବଂ ସତ୍ୟ ଓ ଧର୍ମ ପଥରେ ଚାଲିବାର ମହତ୍ ଶିକ୍ଷା ଦେଇଛନ୍ତି।

ସମାଜର ଦୁର୍ବଳ ଓ ଅସହାୟ ଶ୍ରେଣୀ ପ୍ରତି ସହାନୁଭୂତିଶୀଳ ହେବାକୁ କବି 'ଗଛରେ ବସିଛି ଚିକି ଚଢ଼େଇ', 'ତୋହରି ପାଇଁ' ଓ 'ଗଧ' କବିତା ମାଧ୍ୟମରେ ଆହ୍ୱାନ ଦେଇଛନ୍ତି, ଯେଉଁଠି ଦୁର୍ବଳ ପ୍ରତି ହେଉଥିବା ନିର୍ମମ ଅତ୍ୟାଚାରର ପରିଣାମ ବିଷୟରେ ଚେତାବନୀ ଦିଆଯାଇଛି। କବିଙ୍କ ଭାଷାରେ – **ଟାଙ୍ଗିଆ ଦେଲୁଣି ଯୋଖିରେ/ଆଉ ନ ରହିବ ବାକିରେ/ଧରମ ଏଣିକି ସାକ୍ଷୀରେ/ଆଜିତ ଜାଣୁନୁ କାଲିକି ଜାଣିବୁ/ହୋଇଗଲେ ନିରିମାଖୀ।"(୧୫)**

ଶିଶୁର ଚାରିତ୍ରିକ ଶୁଦ୍ଧତା ଓ ବ୍ୟବହାରିକ ଜ୍ଞାନର ବିକାଶ ପାଇଁ 'ଅଳପ ନମଣ କାହାକୁ' ଏବଂ 'ଖାଉଥିବା ଦୁଧ ସରକୁ' କବିତାରେ ଉପଦେଶାତ୍ମକ ତଥ୍ୟ ପରିବେଷଣ କରାଯାଇଛି। ବିଦ୍ୟାଳୟ ପ୍ରତି ଆକର୍ଷଣ ଓ ନାରୀ ଶିକ୍ଷାର ପ୍ରସାର ନିମନ୍ତେ 'ନାଆଁଟି ମୋହର ସର' ଓ 'ସାଲ୍ୟୁଟ ମାଇଲେ ଗାଆଁର ପିଲା' କବିତାରେ ଶିକ୍ଷା ଦ୍ୱାରା ଜ୍ଞାନ, ଧନ ଓ ସାମାଜିକ ପ୍ରତିଷ୍ଠା ଲାଭର ଦିଗ୍‌ଦର୍ଶନ ରହିଛି। ଶେଷରେ, ଶିଶୁ ଓ କିଶୋରମାନଙ୍କ ମନୋରଞ୍ଜନ ନିମନ୍ତେ 'ଗେଡ଼ୀନାନୀ', 'ପରସମଣୀ' ଓ 'ଗଢ଼ରେ ଜୀବନ ଭଉଣୀ ଭାଇ' ଭଳି କେତେକ ହାସ୍ୟରସାତ୍ମକ ଓ କୌତୁକପୂର୍ଣ୍ଣ କବିତା ମଧ୍ୟ ସନ୍ନିବେଶିତ। କବିଙ୍କ ଭାଷାରେ – **ମାନଗଲା ତା'ର ବଢ଼ିକି/ପିନ୍ଧି ନୂଆ ଘଡ଼ି ଚୁଡ଼ିକି/ଭାଷଣ ଦେବାରୁ ପିଲାଏ ଶୁଣିକି/ହସି ହସି ଗଲେ ଗଡ଼ିକି।"(୧୬)**

ସାମଗ୍ରିକ ଭାବେ ବିଚାର କଲେ, ଆଲୋଚ୍ୟ ଛଅଗୋଟି ସଂକଳନ ମଧ୍ୟରେ ଡକ୍ଟର ନାୟକଙ୍କ ଶିଶୁ ସାହିତ୍ୟିକ ସଫଳତାର ସ୍ପଷ୍ଟ ପ୍ରମାଣ ମିଳେ। ସେ କେବଳ ପିଲାମାନଙ୍କ ମନୋରଞ୍ଜନ ପାଇଁ ଲେଖିନାହାନ୍ତି, ବରଂ ସେମାନଙ୍କ ଅନ୍ତରରେ ନୀତିବୋଧ, ଦେଶପ୍ରେମ ଓ ପରୋପକାରର ବୀଜ ବପନ କରିଛନ୍ତି। ଶିଶୁର ଆଚରଣ ଗଠନ ହିଁ ସୁସ୍ଥ ସମାଜ ଗଠନର ମୂଳଦୁଆ— ଏହି ମହତ୍ ସତ୍ୟକୁ ସେ ପ୍ରତିଟି କବିତାରେ ପ୍ରତିପାଦନ କରିଛନ୍ତି। ଏହି ପୃଷ୍ଠଭୂମିରେ, ତାଙ୍କର ଏହି କାଳଜୟୀ କୃତିଗୁଡ଼ିକ ଓଡ଼ିଆ ଶିଶୁ ସାହିତ୍ୟ ଜଗତରେ ସଦା ପ୍ରାସଙ୍ଗିକ ଓ ଅତୁଳନୀୟ ହୋଇ ରହିବ।

## ସଙ୍କେତ ସୂଚି

1. ନାୟକ, ଡ଼. ରାମଚନ୍ଦ୍ର। *ମାଆ ପରି ମୋର କିଏସେ ହେବ।* ଶ୍ରୀମତୀ ଜାନକୀ ନାୟକ, ଅତାସାହି; ୧୯୯୪। ପୃଷ୍ଠା ୫।
2. ନାୟକ, ଡ଼. ରାମଚନ୍ଦ୍ର। *ମାଆ ପରି ମୋର କିଏସେ ହେବ।* ଶ୍ରୀମତୀ ଜାନକୀ ନାୟକ, ଅତାସାହି; ୧୯୯୪। ପୃଷ୍ଠା ୧୧।
3. ନାୟକ, ଡ଼. ରାମଚନ୍ଦ୍ର। *ମାଆ ପରି ମୋର କିଏସେ ହେବ।* ଶ୍ରୀମତୀ ଜାନକୀ ନାୟକ, ଅତାସାହି; ୧୯୯୪। ପୃଷ୍ଠା ୨୧–୨୨।
4. ନାୟକ, ଡ଼. ରାମଚନ୍ଦ୍ର। *ମାଆ ପରି ମୋର କିଏସେ ହେବ।* ଶ୍ରୀମତୀ ଜାନକୀ ନାୟକ, ଅତାସାହି; ୧୯୯୪। ପୃଷ୍ଠା ୨୪।
5. ନାୟକ, ଡ଼. ରାମଚନ୍ଦ୍ର। *ଟାଇଁଚେରିକି।* ଶ୍ରୀମତୀ ଜାନକୀ ନାୟକ, ଅତାସାହି; ୧୯୯୭। ପୃଷ୍ଠା ୮।
6. ନାୟକ, ଡ଼. ରାମଚନ୍ଦ୍ର। *ଟାଇଁଚେରିକି।* ଶ୍ରୀମତୀ ଜାନକୀ ନାୟକ, ଅତାସାହି; ୧୯୯୭। ପୃଷ୍ଠା ୩୦।
7. ନାୟକ, ଡ଼. ରାମଚନ୍ଦ୍ର। *କେମିତି ଲାଗିବ କୁହ।* ଶ୍ରୀମତୀ ଜାନକୀ ନାୟକ, ଅତାସାହି; ୧୯୯୯। ପୃଷ୍ଠା ୭।
8. ନାୟକ, ଡ଼. ରାମଚନ୍ଦ୍ର। *କେମିତି ଲାଗିବ କୁହ।* ଶ୍ରୀମତୀ ଜାନକୀ ନାୟକ, ଅତାସାହି; ୧୯୯୯। ପୃଷ୍ଠା ୧୩।
9. ନାୟକ, ଡ଼. ରାମଚନ୍ଦ୍ର। *ଟିକି ଫୁଲର ବାସ।* ଶାନ୍ତନୁ କୁମାର ନାୟକ, ଅତାସାହି; ୨୦୦୭। ପୃଷ୍ଠା ୧୯।
10. ନାୟକ, ଡ଼. ରାମଚନ୍ଦ୍ର। *ଟିକି ଫୁଲର ବାସ।* ଶାନ୍ତନୁ କୁମାର ନାୟକ, ଅତାସାହି; ୨୦୦୭। ପୃଷ୍ଠା ୧୬।
11. ନାୟକ, ଡ଼. ରାମଚନ୍ଦ୍ର। *ଆମେ ଭାରତ ଶିଶୁ।* ଶାନ୍ତନୁ କୁମାର ନାୟକ, ଅତାସାହି; ୨୦୧୦। ପୃଷ୍ଠା ୩।
12. ନାୟକ, ଡ଼. ରାମଚନ୍ଦ୍ର। *ଟିକିକୁ ନ କର ହେଳା।* ଶାନ୍ତନୁ କୁମାର ନାୟକ, ଅତାସାହି; ୨୦୧୩। ପୃଷ୍ଠା ୧।
13. ନାୟକ, ଡ଼. ରାମଚନ୍ଦ୍ର। *ଟିକିକୁ ନ କର ହେଳା।* ଶାନ୍ତନୁ କୁମାର ନାୟକ, ଅତାସାହି; ୨୦୧୩। ପୃଷ୍ଠା ୩।
14. ନାୟକ, ଡ଼. ରାମଚନ୍ଦ୍ର। *ଟିକିକୁ ନ କର ହେଳା।* ଶାନ୍ତନୁ କୁମାର ନାୟକ, ଅତାସାହି; ୨୦୧୩। ପୃଷ୍ଠା ୫।
15. ନାୟକ, ଡ଼. ରାମଚନ୍ଦ୍ର। *ଟିକିକୁ ନ କର ହେଳା।* ଶାନ୍ତନୁ କୁମାର ନାୟକ, ଅତାସାହି; ୨୦୧୩। ପୃଷ୍ଠା ୮।
16. ନାୟକ, ଡ଼. ରାମଚନ୍ଦ୍ର। *ଟିକିକୁ ନ କର ହେଳା।* ଶାନ୍ତନୁ କୁମାର ନାୟକ, ଅତାସାହି; ୨୦୧୩। ପୃଷ୍ଠା ୧୧।

**Creative Commons (CC) License**

This article is an open-access article distributed under the terms and conditions of the Creative Commons Attribution–NonCommercial–NoDerivatives 4.0 International (CC BY-NC-ND 4.0) license. This license permits sharing and redistribution of the article in any medium or format for non-commercial purposes only, provided that appropriate credit is given to the original author(s) and source. No modifications, adaptations, or derivative works are permitted under this license.

**About the corresponding author**



**ନିଶିକାନ୍ତ ବଳ** ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ଓଡ଼ିଆରେ ସ୍ନାତକୋତ୍ତର (୨୦୨୩) ଏବଂ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟରୁ ଇଂରାଜୀରେ ସ୍ନାତକୋତ୍ତର (୨୦୨୫) ଶିକ୍ଷା ସମାପ୍ତ କରିଛନ୍ତି। ଏହା ସହିତ ସେ ବି.ଇଡି. ଶିକ୍ଷା ଗ୍ରହଣ କରିବା ସହ UGC NET ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି।


© 2026 ନିଶିକାନ୍ତ ବଳ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/